ପାଠ-୫

# ଗୋପ ପ୍ରୟାଣ

**STUDY NOTES**

## MIND MAP



**କବିତାର ପୃଷ୍ଠଭୂମି:**

କବିତା 'ଗୋପ ପ୍ରୟାଣ' କବିଙ୍କ 'ମାଟିବାଣୀ' କବିତା ସଂକଳନରୁ ସଂଗୃହୀତ ଏକ ସୁଦୀର୍ଘ କବିତାର ଅଂଶବିଶେଷ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣ ମହାକବିଙ୍କ ହୃଦୟରେ ଯେଉଁ କ୍ଷତ ସୃଷ୍ଟି କରିଥିଲା, ତା'ର କଳାତ୍ମକ ଅଭିବ୍ୟକ୍ତି ଦୁଇଟି କାଳଜୟୀ କବିତା 'ଗୋପ ତର୍ପଣ' ଓ 'ଗୋପ ପ୍ରୟାଣ'ରେ ପରିଲକ୍ଷିତ ହୁଏ। ବ୍ୟକ୍ତି ନୀରାଜନା ପର୍ଯ୍ୟାୟରେ ପୂଜ୍ୟପୂଜା ପରମ୍ପରା ତଥା ଜାତୀୟତାବୋଧ ସୃଷ୍ଟି ପାଇଁ କବିତାଟିରେ ଅଜସ୍ର ପ୍ରେରଣା ଭରିରହିଛି। ଓଡ଼ିଶାର ବହୁ ବିଶିଷ୍ଟ ମନୀଷୀଙ୍କଠାରେ ତାଙ୍କ ଅନ୍ତରର ଗଭୀର ଶ୍ରଦ୍ଧା କବିତାରେ ରୂପ ପାଇଛି। ତନ୍ମଧ୍ୟରେ ଆଲୋଚ୍ୟ କବିତା 'ଗୋପପ୍ରୟାଣ' ଉତ୍କଳମଣିଙ୍କ ମହନୀୟ ଆଦର୍ଶ ଓ କର୍ମଧାରାର ଗୁରୁତ୍ୱପୂର୍ଣ୍ଣ ଦିଗ ଆଲୋକିତ କରିବା ସହ ତାଙ୍କ ବିୟୋଗରେ କବିପ୍ରାଣର ବିଷାଦ ଓ କାରୁଣ୍ୟ ରୂପାୟିତ ହୋଇଛି।

**କବିତାର ସାରମର୍ମ:**

ଧରାଧାମରେ ଅନେକ ମଣିଷ ଜନ୍ମ ନିଅନ୍ତି ଓ ସ୍ୱାଭାବିକ ଭାବେ ଜୀବନ ସମ୍ପାଦନ କରି ମୃତ୍ୟୁବରଣ କରନ୍ତି। ମାତ୍ର ଏପରି କେତେଜଣ ଯୋଗଜନ୍ମା ଥାଆନ୍ତି, ସେମାନେ ଇହଲୀଳା ସମ୍ବରଣ କଲାପରେ ସାଧାରଣ ମଣିଷ ବିଶ୍ୱାସ କରିପାରେନା ଯେ ଏପରି ରକ୍ତ-ମାଂସ ଦେହଧାରୀ ମଣିଷ ସେମାନଙ୍କ ମଧ୍ୟରେ ବିଚରଣ କରୁଥିଲେ। କାରଣ ସେମାନେ ଥାଆନ୍ତି ସାଧାରଣଙ୍କ ମଧ୍ୟରେ ଅସାଧାରଣ। ସେମାନେ ନିଜ ଜୀବନର ଉତ୍ତାପରେ ଅନ୍ୟର ଶୀତଳତା ଦୂର କରନ୍ତି। ନିଜେ ଜଳି ଅନ୍ୟ ପାଇଁ ସାଜନ୍ତି ଆଲୋକବର୍ତ୍ତିକା। ନିଜର କର୍ମ ମାଧ୍ୟମରେ ଅପର ପାଇଁ ସିଞ୍ଚି ଯାଆନ୍ତି ବଞ୍ଚି ରହିବାର ସ୍ୱପ୍ନ। ସବୁ ଶୁକ୍ତି ମଧ୍ୟରେ ମିଳେନା ମୁକ୍ତାର ସନ୍ଧାନ। ମୁକ୍ତାଭରା ଶୁକ୍ତି କେବଳ ଏକ ଦୈବୀ ସଂଯୋଗ। ପ୍ରକୃତିର ନିର୍ମମ ଅତ୍ୟାଚାରରେ ଚିରନିପୀଡ଼ିତ ତଥା ଦାରିଦ୍ର୍ୟର କଷାଘାତରେ ସଦା ଜର୍ଜରିତ ଓଡ଼ିଶା ପାଇଁ ଏମିତି ଏକ ରତ୍ନ ଥିଲେ ଦୀନ ଦୁର୍ଗତର ବନ୍ଧୁ ଉତ୍କଳ ଜନତାର ମଉଡ଼ମଣି ପଣ୍ଡିତ ଗୋପବନ୍ଧୁ। ତାଙ୍କ ବିୟୋଗରେ ସ୍ତମ୍ଭିତ ହୋଇଯାଇଥିଲା ଉତ୍କଳ ଭୂଇଁର ପାଣିପବନ। ଶୋକରେ ଅଧୀର ହୋଇଥିଲେ ଓଡ଼ିଶାର ଅଗଣିତ ଜନତା। ଅସହାୟ ଓଡ଼ିଆ ଜାତି ହରାଇ ବସିଥିଲା ତା'ର ପ୍ରାଣର ସୋଦର। ତା' ମୁଖର ସ୍ନେହବୋଳା କରୁଣା ଶବ୍ଦ ଓ ସଦିଚ୍ଛା, ସହଯୋଗର ପ୍ରସାରିତ ହସ୍ତ ଶୂନ୍ୟ ରାଜ୍ୟରେ ମିଶିଗଲା। ସମାଜର ଦୁଃସ୍ଥ, ପୀଡ଼ିତ, ବେସାହାରା, ଦୁର୍ଗତ ମଣିଷ ପାଇଁ ଦେବତାର ଆସନ-ଅଳଂକୃତ କରିଥିବା ଗୋପବନ୍ଧୁଙ୍କ

ତିରୋଧାନରେ ଦରଦୀ କବି ମାନସିଂହଙ୍କ ହୃଦୟର ଗଭୀର ଶୋକ ରୂପ ପାଇଛି ତାଙ୍କ କବିତା 'ଗୋପ ପ୍ରୟାଣ'ରେ। କବିଙ୍କ ବିଷାଦିତ ହୃଦୟରୁ ଝରିପଡ଼ିଛି-

"ମହାବୀର ମହାପ୍ରୟାଣ ରଚିଲା ଆଜି

ତା' ମହାଜାତିର ଗର୍ବ ଗଲା ଯେ ଭାଜି !

ଅନୀକିନୀ ତା'ର ସ୍ତମ୍ଭିତେ ଅଛି ରହି

ପ୍ରତି କରେ କରେ ପତାକା ଯାଇଛି ନଇଁ।"

କବି ମାନସିଂହ ବିଚାରରେ ଉତ୍କଳମଣି ଗୋପବନ୍ଧୁ ଥିଲେ ଜାତିର କର୍ଣ୍ଣଧାର, କୋଟି ଓଡ଼ିଆଙ୍କ ମଧ୍ୟରେ ମହାବୀର। ତାଙ୍କ ବିୟୋଗରେ ଏ ମହାଜାତିର ଯେଉଁ ଅପୂରଣୀୟ କ୍ଷତି ଘଟିଲା ତାହା ଅବର୍ଣ୍ଣନୀୟ। ଓଡ଼ିଆ ଜାତି ତା' ପ୍ରାଣର ମୁକୁଟବିହୀନ ସମ୍ରାଟଙ୍କୁ ହରାଇ ଦୁଃଖରେ ସତେ ଯେପରି ନିର୍ବାକ୍ ହୋଇ ପଡ଼ିଥିବାର ଅନୁଭବ କରିଛନ୍ତି କବି। ଜାତିର ଗର୍ବୋନ୍ନତ ପତାକା ସ୍ୱତଃ ଅର୍ଦ୍ଧନମିତ ହୋଇଯାଇଛି। ମହାବୀରର ମହାଯାତ୍ରା ଦର୍ଶନରେ ତା'ର ଚତୁରଙ୍ଗ ସେନାନୀ ସ୍ତମ୍ଭିତ ହୋଇପଡ଼ିଛି।

ODM EDUCATIONAL GROUP Changing your Tomorrow